ନିତି ଭାରତୀ

ପରିବାର ହେଉଛି ଏମିତି ଏକ ସ୍ଥାନ ଯେଉଁଠି ମନ ପରସ୍ପରର ସମ୍ପର୍କରେ ଆସିଥାଏ । - ଗୌତମ ବୁଦ୍ଧ

ନିତିଦିନ
NITIDIN
ସୋମବାର, ୧୧ ଫେବୃଆରୀ ୨୦୧୯

ମନୁଷ୍ୟ ମୃତ୍ୟୁ ଯନ୍ତା ସଡ଼କ ଗାଢ଼ ଓ ଆମର ନୀତି

ଗତ କିଛି ଦିନ ତଳେ ଗୋଟିଏ ରିପୋର୍ଟ ପ୍ରକାଶ ପାଇଥିଲା । ଏହି ରିପୋର୍ଟ ସମସ୍ତଙ୍କୁ ଚକିତ କରିଦେବାପରି ଥିଲା । ସେଥିରେ କୁହାଯାଇଥିଲା ଯେ ଦେଶରେ ଆତଙ୍କବାଦ ଓ ନକ୍ସଲବାଦ ଦ୍ୱାରା ଯେତେ ଜୀବନ ହାନୀ ଘଟୁନାହିଁ, ତା' ଠାରୁ ଅଧିକ ବିପଦ ସଡ଼କରେ ହୋଇଥିବା ଗାଡ଼ କାରଣରୁ ହେଉଛି । ଅବଶ୍ୟ ଆତଙ୍କବାଦ ଦେଶ ପାଇଁ ସବୁଠାରୁ ବଡ ବିପଦ ଯାହାକୁ ମୁକାବିଲା କରିବାର ପ୍ରୟାସ ହେବା ଉଚିତ୍ । କିନ୍ତୁ ଗଣତାନ୍ତ୍ରିକ ବ୍ୟବସ୍ଥାରେ ନିଜର ପକେଟ ଭର୍ତ୍ତି କରିବା ପାଇଁ, ଅନ୍ୟର ଜୀବନ ସହିତ ଖେଳିବାର ଯେଉଁ ବିପଦ୍‌ଜନକ ଖେଳ ବହୁ ସମୟ ଧରି ଚଳି ଆସୁଛି, ଏହା ଦେଶ ଓ ଦେଶବାସୀଙ୍କ ପ୍ରତି କମ୍ ପ୍ରତାରଣାପୂର୍ଣ୍ଣ ନୁହେଁ । ଲୋକମାନଙ୍କର ଅର୍ଥ ଯୋଗୁ ହିଁ ଦେଶ ଚାଲୁଛି । କିନ୍ତୁ ଯଦି ଚାଲିବା ପାଇଁ ଏ ପର୍ଯ୍ୟନ୍ତ ଉନ୍ନତ ମାନର ସଡ଼କ ନିର୍ମାଣ ନ ହେଲା, ତେବେ ଏହା କେବଳ ଲୋକମାନଙ୍କ ପାଇଁ ନୁହେଁ ବରଂ ଗଣତନ୍ତ୍ର ପାଇଁ ଅତ୍ୟନ୍ତ ହାସ୍ୟାସ୍ପଦ ଓ ଅନ୍ୟାୟ ।

ଭାରତ ସ୍ମାର୍ଟ ଓ ଆଧୁନିକତାର ଗର୍ବ କରୁଥିବାବେଳେ ଆମ ଦେଶର ସଡ଼କକୁ ଦେଖିଲେ, ସମୟ ସମୟରେ ଲାଗେ ଯେ ସଡକରେ ଗାଢ ହୋଇଛି କିମ୍ବା ଗାଢରେ ସଡକ । କହିବାକୁ ଗଲେ ଦେଶରେ ଏକସ୍‌ପ୍ରେସ ୱେ ନିର୍ମାଣ ହେଉଛି । କିନ୍ତୁ ଯେଉଁ ରାସ୍ତା ଓ ସଡ଼କକୁ ସମ୍ମୁଖୀନ କରିବାକୁ ହେଉଛି, ତାହା ବର୍ଷା ଦିନରେ ଛୋଟିଆ ଛୋଟିଆ ପୁଷ୍କରିଣୀରେ ପରିବର୍ତ୍ତିତ ହୋଇଯାଉଛି । ଯେମିତି ବର୍ଷା ଦିନ ସରିଯାଉଛି, ସେହି ଗାଢ ଗୁଡିକୁ ପୋତିବା କାର୍ଯ୍ୟ ଆରମ୍ଭ ହେଉଛି । କହିବାକୁ ଗଲେ ଏହି କାର୍ଯ୍ୟ ରାଜନୈତିକ ଭ୍ରଷ୍ଟାଚାରର ଏକ ବଡ କୁଣ୍ଡ ପାଲଟି ଯାଉଛି । ଯେ କୌଣସି ରାଷ୍ଟ୍ରର ବିକାଶର ପ୍ରଥମ ଚିହ୍ନ ହେଉଛି ସଡକ । କିନ୍ତୁ ଆମ ଦେଶର ସବୁ ଅଞ୍ଚଳରେ ଯାହା ସମ୍ମୁଖକୁ ଆସୁଛି, ତାହା ହେଉଛି ଗାଢ ଥିବା ସଡକ ଯାହା ମନୁଷ୍ୟ ପାଇଁ ମୃତ୍ୟୁ ଯନ୍ତା ପ୍ରମାଣିତ ହେଉଛି ।

ଡକ୍ଟର ସୌରୀବନ୍ଧୁ କର

ଉନ୍ନତ ମାନର ସଡ଼କ ଦେଶର ଅର୍ଥବ୍ୟବସ୍ଥାର ଆଧାର । ଏହା କେବଳ ଗ୍ରାମ, ସହର ବା ମହାନଗରକୁ ଯୋଡେ ନାହିଁ, ବରଂ ସହର ମଧ୍ୟରେ ଥିବା ଗଳିରେ ମଧ୍ୟ ଭଲ ଭାବରେ ଯାତାୟତ ପାଇଁ ଭଲ ସଡ଼କର ଆବଶ୍ୟକତା ରହିଛି । ବିକାଶ ପାଇଁ ଏହା ପ୍ରାଥମିକ ଆବଶ୍ୟକ । କିନ୍ତୁ ଆମର ଏଠାରେ ଅବସ୍ଥା ସମ୍ପୂର୍ଣ୍ଣ ଭିନ୍ନ । ଆମେ ସ୍ମାର୍ଟ ସିଟିର କଥାକହୁଛୁ । ଆମେ କଣ ସ୍ମାର୍ଟ ସିଟି ଓ ନୂତନ ଭାରତର ନକ୍ସା ଏହି ଗାଢରୁ ନିର୍ମାଣ କରି ପାରିବା ? ଦେଶରେ ଏପରି କୌଣସି ନିର୍ବାଚନ ହେଉନାହିଁ, ଯେଉଁ ଥିରେ ସଡକ ନିର୍ମାଣ କରିବା, ଗାଁ ଗାଁରେ ସଡକ ତିଆରି କରିବା ସଂପର୍କରେ ପ୍ରତିଶ୍ରୁତି ଦିଆଯାଉ ନାହିଁ । କିନ୍ତୁ ଏପରି କୌଣସି ବର୍ଷ ନାହିଁ ଯେଉଁଥିରେ ସଡ଼କରେ ଗାଢ ହୋଇଥିବା କାରଣରୁ ମୃତ୍ୟୁର ସଂଖ୍ୟା ଆତଙ୍କବାଦୀ ହତ୍ୟା ଠାରୁ କମ୍ ହେଉନି । ବର୍ତ୍ତମାନ ଗଣତାନ୍ତ୍ରିକ ପରିବେଶ ମଧ୍ୟରେ ସରକାରଙ୍କର ଶାସନ କଳ ଏତେ ମାତ୍ରାରେ କଳୁଷିତ ହୋଇଯାଇଛି ଯେ ଏହା ଉପରେ ଲୋକମାନଙ୍କର ଭରସା ତୁଟି ଗଲାଣି ।

ସରକାରୀ ପରିସଂଖ୍ୟାନ ଅନୁସାରେ ଦେଶରେ ଗତ ବର୍ଷ ସବୁଠାରୁ ଅଧିକ ମୃତ୍ୟୁ ସଡ଼କରେ ଗାଢ ହୋଇଥିବା କାରଣରୁ ଘଟିଛି । ଗତ ବର୍ଷ ସରକାରୀ ତଥ୍ୟ ଅନୁସାରେ ଉତ୍ତର ପ୍ରଦେଶରେ ସଡ଼କରେ ଗାଢ ହେତୁ ୯୮୭ ଜଣ ଲୋକଙ୍କର ମୃତ୍ୟୁ ଘଟିଛି । ଠିକ୍ ସେହିପରି ସଡ଼କର ଶୋଚନୀୟ ଅବସ୍ଥା କାରଣରୁ ମୃତ୍ୟୁ ସଂଖ୍ୟାରେ ହରିୟାନା ଓ ଗୁଜୁରାଟ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛି । ଗତ ବର୍ଷ ଏହି ଗାଢ ଯୋଗୁ ମହାରାଷ୍ଟ୍ରରେ ୭୩୦ ଜଣ ଲୋକଙ୍କର ମୃତ୍ୟୁ ହୋଇଥିଲା । ଚଳିତ ବର୍ଷ ଅକ୍ଟୋବର ଶେଷ ସୁଦ୍ଧା ଓଡିଶାରେ ୪୨୭୦ ଦୁର୍ଘଟଣା ଘଟିଛି । ଓଡିଶାରେ ୨୦୧୭ ରେ ୪୮୦୦ ଲୋକଙ୍କର ମୃତ୍ୟୁ ଘଟିଛି କିନ୍ତୁ ସଡକରେ ଗାଢ ଜନିତ କାରଣରୁ କେତେ ଲୋକଙ୍କର ମୃତ୍ୟୁ ହୋଇଛି ତା'ର ତଥ୍ୟ ପ୍ରକାଶ ପାଇନାହିଁ । ଏହା ୨୦୧୬ ମସିହାରେ ମୃତ୍ୟୁ ବରଣ କରିଥିବା ଲୋକମାନଙ୍କ ଠାରୁ ଦୁଇ ଗୁଣ ଥିଲା । ମହାରାଷ୍ଟ୍ରର ଲୋକ ନିର୍ମାଣ ମନ୍ତ୍ରୀଙ୍କ ବକ୍ତବ୍ୟ ଥିଲା ଯେ, ସଡ଼କ ଦୁର୍ଘଟଣାରେ ଲୋକମାନଙ୍କର ମୃତ୍ୟୁ କେବଳ ଗାଢ ଯୋଗୁ ହେଉ ନାହିଁ । ଏହାର ଅର୍ଥ ନୁହେଁ ଯେ ଉନ୍ନତ ମାନର ସଡକ ନିର୍ମାଣ କରିବାର ଦାୟିତ୍ୱ ସରକାରଙ୍କର ନୁହେଁ ।

ଯେଉଁ ହିସାବରେ ଦେଶରେ ସଡ଼କମାନଙ୍କରେ ଗାଢ ହେବା ଫଳରେ ପ୍ରତ୍ୟେକ ବର୍ଷ ମୃତ୍ୟୁର ହାର ବଢିବାରେ ଲାଗିଛି, ଏହା ସରକାରଙ୍କର କାର୍ଯ୍ୟ କରିବା ପ୍ରଣାଳୀ ଉପରେ ପ୍ରଶ୍ନ ଉଠାଉଛି । ପ୍ରତ୍ୟେକ ରାଜ୍ୟର ସରକାରମାନେ ଗାଢ ଥିବା ସଡ଼କର ଶିକାର ହୋଇ ମୃତ୍ୟୁ ହେଉଥିବା ଲୋକମାନଙ୍କର ଯେଉଁ ସଂଖ୍ୟା କେନ୍ଦ୍ର ସରକାରଙ୍କୁ ଦେଉଛନ୍ତି, ତାହା ଅନୁସାରେ ଦେଶରେ ପ୍ରତି ବର୍ଷ ଗାଢ ଥିବା ସଡକ ହେତୁ ମୃତ୍ୟୁର ସଂଖ୍ୟା ବଢିବାରେ ଲାଗିଛି । ଗତ ବର୍ଷ ସଡ଼କ ଗାଢ ଦୁର୍ଘଟଣାରେ ତିନି ହଜାରରୁ ଅଧିକ ଲୋକ ମୃତ୍ୟୁ ଲାଭ କରିଥିଲେ । ୨୦୧୬ ମସିହା ହିସାବ ଅନୁସାରେ ଏହାର ସଂଖ୍ୟା ଥିଲା ଦୁଇ ହଜାର ତିନି ଶହ ଚବିଶ । ଦେଶରେ ପ୍ରତ୍ୟେକ ଦିନ ସଡକ ଗାଢ ହେତୁ ଦଶ ଜଣଙ୍କର ଜୀବନ ହାନୀ ଘଟୁଛି । ଏହି ସବୁ ମୃତ୍ୟୁ ପାଇଁ କ'ଣ ସେହି ଲୋକମାନେ ଦାୟୀ ନୁହଁନ୍ତି ଯେଉଁମାନେ ନିମ୍ନ ମାନର ସଡ଼କ ନିର୍ମାଣ କରୁଛନ୍ତି ? ଏପରି ସଡ଼କ ଯାହା କିଛି ମାସ ମଧ୍ୟରେ ସାମାନ୍ୟତମ ବର୍ଷାରେ ଗାଢରେ ପରିବର୍ତ୍ତନ ହୋଇଯାଉଛି । ଏଥିରୁ ପ୍ରମାଣିତ ହେଉଛି ଯେ ଗଣତନ୍ତ୍ରରେ ସାଧାରଣ ଲୋକମାନଙ୍କର କୌଣସି ମୂଲ୍ୟ ନାହିଁ । ପ୍ରଶ୍ନ ମଧ୍ୟ ଏହା ଉଠୁଛି ଯେ କ'ଣ ଏପରି କୌଣସି ସଡକ ନିର୍ମାଣ କରାଯାଇ ପାରିବ ନାହିଁ ଯାହା ପାଞ୍ଚ ବର୍ଷ ପର୍ଯ୍ୟ' ଭଲ ରହି ପାରିବ । କିନ୍ତୁ ବାସ୍ତବତା ହେଉଛି ଗୋଟିଏ ପାଖରେ ସଡ଼କ ତିଆରି ଆରମ୍ଭ ହେବା ବେଳକୁ ଅନ୍ୟ ପାଖରେ ସଡକ ଗାଢ ହେବାକୁ ଲାଗୁଛି ।

ସଡ଼କ ମରାମତି ନାମରେ ଦେଶରେ ଲୋକମାନଙ୍କର ଅର୍ଥକୁ ବରବାଦ୍ କରାଯାଉଛି । ସଡ଼କ ଉନ୍ନତ ମାନର ହେଉଛି କି ନାହିଁ, ବର୍ଷା ଦିନରେ ସଡ଼କର ଅବସ୍ଥା କ'ଣ ହେବ ଏହା ଦେଖିବା ସରକାରୀ ଅଫିସର ମାନଙ୍କର ଦାୟିତ୍ୱ । କିନ୍ତୁ ଅଫିସର କର୍ମଚାରୀ ଏତେ ବେଫିକର ଯେ ମାସେ ଦୁଇ ମାସ ମଧ୍ୟରେ ସଡକ ଗାଢ ହୋଇଯାଏ, ଏହି ଭୁଲ ତ୍ରୁଟିକୁ ସଂଶୋଧନ କରିବା ପାଇଁ କାହାରି ଦାୟିତ୍ୱ ରହିଛି ବୋଲି ସେମାନେ ବିଚାର କରନ୍ତି ନାହିଁ । ଲୋକ ପ୍ରତିନିଧି ମାନେ ମଧ୍ୟ ଏଥି ପ୍ରତି ଧ୍ୟାନ ଦିଅନ୍ତି ନାହିଁ । ଅଫିସର ଓ ଲୋକ ପ୍ରତିନିଧି ମାନଙ୍କ ଦୟାରୁ ଏପରି ଠିକାଦାର ପ୍ରୋତ୍ସାହନ ପାଆନ୍ତି ଯେଉଁମାନେ ନିମ୍ନ ମାନର ସଡକ ନିର୍ମାଣ କରନ୍ତି । ଏହା ଫଳରେ କେହି କାହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତି ନାହିଁ, କାର୍ଯ୍ୟାନୁଷ୍ଠାନ କରିବାକୁ ସାହସ ମଧ୍ୟ କରନ୍ତି ନାହିଁ ଯାହା ଅତ୍ୟନ୍ତ ଗମ୍ଭୀର ପ୍ରଶ୍ନ । ନିଜ ପସନ୍ଦର ଠିକାଦାର ମାନଙ୍କୁ ସଡକ ନିର୍ମାଣ ଦାୟିତ୍ୱ ଦେବା ପୃଷ୍ଠ ଭାଗରେ ଦୁର୍ନୀତିର ବଡ ଖେଳ ରହିଛି । ଏଥି ପାଇଁ ବାରମ୍ବାର ସଡକ ତିଆରି ହୁଏ ଏବଂ ଖୁବ୍ ଶୀଘ୍ର ଭାଙ୍ଗିଯାଏ । ସଡକ ନିର୍ମାଣ ନାମରେ ଠିକାଦାର, ଶାସନ ପ୍ରଶାସନର ଲୋକମାନେ, ଯାଞ୍ଚ କରୁଥିବା ଏଜେନ୍ସି ଏହି ତିନି ଜଣଙ୍କର ଏପରି ମଧୁ ଚନ୍ଦ୍ରିକା ରହିଛି ଯାହା ଫଳରେ ନ୍ୟୂନ ମାନର ସଡକ ନିର୍ମିତ ହେଉଛି ଏବଂ ସରକାରୀ ତହବିଲ କୁ ଲୁଟ୍ କରାଯାଉଛି । ଏହା ଫଳରେ ଜୀବନ ଓ ଧନ ଉଭୟ ଦିଗରେ ଠକାମୀର ଶିକାର ହେଉଥିବା ଲୋକମାନେ ହେଉଛନ୍ତି ସଡକରେ ଚାଲୁଥିବା ଲୋକ, ଯେଉଁମାନେ କେତେବେଳେ ହେଲେ ସଡକ ଗାତରେ ପଡି ଜୀବନ ହରାଉଛନ୍ତି ।

ଆହୁରି ମଧ୍ୟ ଦେଖିବାକୁ ଗଲେ ଗାଢ ଯୁକ୍ତ ସଡକ ଦ୍ୱାରା ମୃତ୍ୟୁର କାରଣ ମଧ୍ୟ ଆମ୍ଭେମାନେ । କାରଣ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଆମ୍ଭେମାନେ ଆମ ଶକ୍ତି ସଂପର୍କରେ ସଚେତନ ହେବାକୁ ଚେଷ୍ଟା କରୁନାହାନ୍ତି । ସମାଜର ମଧ୍ୟ କିଛି ସାମ୍ବିଧାନିକ ଉତ୍ତର ଦାୟିତ୍ୱ ରହିଛି । ଯାହାକୁ ପ୍ରୟୋଗ କରିବାକୁ ସେମାନେ ପଛ ଘୁଞ୍ଚା ଦେଉଛନ୍ତି । ଦେଶର ସଡକ ବ୍ୟବସ୍ଥାରେ ଉନ୍ନତି ଆଣିବା କୌଣସି ଅସମ୍ଭବ କାର୍ଯ୍ୟ ନୁହେଁ । ଏହା ବିରୁଦ୍ଧରେ ଜନ ଆନ୍ଦୋଳନ ସୃଷ୍ଟି ହେବା ଉଚିତ୍ କାରଣ ସଡକ ଗାଢରେ କିଏ କେତେବେଳେ ପଡିବ, ତାହା କୁହାଯାଇ ପାରିବ ନାହିଁ । ଯଦି ସଡକରେ ଚାଲି ସୁରକ୍ଷିତ ଭାବରେ ଘରକୁ ଫେରିବାର ଅଛି, ତେବେ ନିଜର ସୁରକ୍ଷା ନିଜେ କରିବା ଉଚିତ । ଯଦି ରାଜନୈତିକ ନେତା ମାନେ ବାସ୍ତବରେ ଉନ୍ନତ ସାମାଜିକ ଢାଞ୍ଚା ଗଠନ କରିବାକୁ ଚାହୁଁଥାନ୍ତି, ତେବେ ସେମାନଙ୍କର ନୀତି ଓ ନିୟତି କୁ ବଦଳାଇବା ଦରକାର । ନଚେତ୍ ସ୍ଥିତି ଯେପରି ରହିଛି ସେହିପରି ରହିଥିବ ଏବଂ ସଡକ ରେ ଗାଢ ବା ଗାଢ ରେ ସଡକ ଏହି ଦ୍ୱନ୍ଦ୍ୱ ଭିତରେ ସବୁ କିଛି ଝୁଲି ଥିବା । ■

ଗଜପତିନଗର, ଭୁବନେଶ୍ୱର
ମୋ: ୯୪୩୭୦୩୬୩୪୨

ଅଯଥା ବାକ୍‌ଯୁଦ୍ଧର ଅବସାନ ହେଉ

ଯେତେ ୨୦୧୯ ସାଧାରଣ ନିର୍ବାଚନ ନିକଟତର ହେଉଛି,ସେତେ ବିଭିନ୍ନ ରାଜନୈତିକ ଦଳର ବାକପଟୁତାର ବୋମା ବିସ୍ଫୋରିତ ହେବାରେ ଲାଗିଛି । ସତେକି ଲାଗୁଛି ଏଇ ଓଡିଶା ମାଟି ବିଦୀର୍ଣ୍ଣ ହେଇଯିବ ସେମାନଙ୍କର ଗଳାଫଟା ବାକ୍‌ଯୁଦ୍ଧର ଚିତ୍କାରରେ । କେଉଁ ନେତା କ'ଣ କହୁଛନ୍ତି ସେମାନେ ନିଜେ ବୁଝନ୍ତି କି ନାହିଁ ତାହା ବି ଅସ୍ପଷ୍ଟ ,ସାଧାରଣ ଲୋକଙ୍କ କଥା କିଏ ପଚାରେ ! ପ୍ରତି ମୁହୂର୍ତ୍ତରେ ଗଣମାଧ୍ୟମ ଏବଂ ଫେସ୍‌ବୁକ୍, ୟୁଟ୍ୟୁବ୍, ଟ୍ୱିଟର ଇଣ୍ଟରନେଟ ସମ କେତେଯେ ସୋସିଆଲ ନେଟ୍‌ୱର୍କ ଓ ସମ୍ବାଦ ପରିବେଷଣ ସଂସ୍ଥା ଗୋଟିଏ ସତ୍ୟ କିମ୍ବା ମିଥ୍ୟା ଘଟଣାକୁ ବିଭିନ୍ନ ଭଙ୍ଗୀ, ଢଙ୍ଗ ଓ ରଙ୍ଗ ଦ୍ୱାରା ସଜାଇ ଆମର ବାୟୁମଣ୍ଡଳରେ ଖେଳାଇ ଦିଅନ୍ତି, ଯାହା ଫଳରେ ସତ-ମିଛର ଲୁଚକାଳି ତଥାକଥିତ ବୌଦ୍ଧିକ ଓ ସୃଜନଶୀଳ କସରତ ଭିତରେ ସାଧାରଣ ମଣିଷଟି ସଂଶୟାଚ୍ଛନ୍ନ ହେଇ ସତକୁ ମିଛ ଏବଂ ମିଛକୁ ସତ ବୋଲି ଭାବିନେବାକୁ ବାଧ ହେଇଥାଏ । ସୂର୍ଯ୍ୟସ୍ନାତ ମୁକ୍ତ ରାଜରାସ୍ତାରେ ଘଟୁଥିବା ରାଜନୈତିକ ଦୃଶ୍ୟପଟର ଛବିକୁ ସପକ୍ଷବାଦୀ ଓ ବିପକ୍ଷବାଦୀ ରାଜନୈତିକ ଦଳଦ୍ୱାରା ପ୍ରତିଷ୍ଠିତ ଟିଭି ଓ ସମ୍ବାଦପତ୍ର ଭଳି ଗଣମାଧ୍ୟମ ଏପରି କୌଶଳରେ ଉଠାଇନେଇ ନିଜ ନିଜର ସ୍ୱାର୍ଥକୁ ଗଣ୍ଠିଧନ କରି ପ୍ରସାରିତ କରି ଦିଅନ୍ତି ଯେ ସବୁକିଛିକୁ ଜଳଜଳ ଦେଖିପାରୁଥିବା ଚକ୍ଷୁବାନ ମଣିଷ ହଠାତ୍ ଚକ୍ଷୁହୀନ ହୋଇ ନିଜର ମୁହଁ କିମ୍ବା ନିଜର ଭାଇ, ଭଉଣୀ ଓ ସାଙ୍ଗମାନଙ୍କ ମୁହଁକୁ ଆମ୍ପୁଡ଼ିଖାମ୍ପୁଡ଼ି ଖଣ୍ଡିଆ-ଖାବରା କରି ପକାଏ । ସେତିକିରେ ସେ ଶାନ୍ତି ପାଏନାହିଁ ବରଂ ବେଦନାପୂର୍ଣ୍ଣ କ୍ଷତବିକ୍ଷତ ଓ ବହମାନ ଶୋଣିତ ଧାରାକୁ ନେଇ ଏମିତି ବାହାସ୍ଫୋଟ ଓ କୁମ୍ଭୀର କାନ୍ଦଣା କାନ୍ଦିବାର ଛଳନା କରିବ ଯେ ସତ୍ୟ ମିଥ୍ୟାକୁ ଓ ମିଥ୍ୟା ସତ୍ୟକୁ ଯାବୁଡ଼ି ଧରି ଟଣା-ଓଟରାର ଏକ ସୁ-ନିର୍ଦ୍ଦେଶିତ ନାଟକ ଜନତା ସମ୍ମୁଖରେ ହେବ ଉଦ୍‌ଭାସିତ । ସ୍ୱାର୍ଥାନ୍ଧ ମନୁଷ୍ୟ କେବେ ବି ବୁଝିପାରେ ନାହିଁ ଦେଶ ଓ ଜନତାର ସ୍ୱାର୍ଥକୁ । ସେ ଏମିତି କ୍ଷୁଦ୍ର ମାନସିକତା ଏବଂ ଦଳର ସ୍ୱାର୍ଥରେ ବାନ୍ଧିହେଇଥାଏ ଯେ ତାହାର ଦୃଷ୍ଟିରେ ସବୁକିଛି ଭିନ୍ନ ଭଳି ଦୃଶ୍ୟମାନ ହୁଏ । କଥାରେ ସର ପକାଏ, କାର୍ଯ୍ୟରେ ସର ପକାଏ । ସବୁଥିରେ ବିଭିନ୍ନତା ଦେଖେ । ଏହି ବିଭିନ୍ନତାରୁ ସୃଷ୍ଟି ହୁଏ ନାନା ପ୍ରକାର କଳହ, ନିଜର ସହୋଦରର ଗଳା କାଟିବା ଠାରୁ ଆରମ୍ଭ କରି ଜାବତୀୟ ଅମାନୁଷିକ ଓ ଅନୈତିକ କାର୍ଯ୍ୟରେ ଲିପ୍ତ ରହିବା ସଙ୍ଗେ ସଙ୍ଗେ ତାହାର ନିଜସ୍ୱ ଦୃଷ୍ଟିକୋଣକୁ ବୌଦ୍ଧିକ ଓ ସୃଜନଶୀଳ କହି ଡିଙ୍ଗୁରା ପିଟେ, ଗଣମାଧ୍ୟମ ଓ ସାମାଜିକ ନେଟ୍‌ୱର୍କକୁ ନିଜ ରଙ୍ଗରେ ରଙ୍ଗାଏ, ସତକୁ ମିଛ ଏବଂ ମିଛକୁ ସତକରି ଅନ୍ୟମାନଙ୍କୁ ଭୂଆଁ ବୁଲାଏ । ସମସ୍ତ ଗଣମାଧ୍ୟମ ଅବା ଅନ୍ୟାନ୍ୟ ସମ୍ବାଦ ପରିବେଷଣ ସଂସ୍ଥା ଯେ କେବଳ ସବୁବେଳେ ଏଭଳି ବିଭତ୍ସ ଓ ରଙ୍ଗିତ ଘଟଣା ପ୍ରକାଶ କରନ୍ତି ତାହା ନୁହେଁ, ବରଂ ବହୁ ବାସ୍ତବ ଘଟଣାର ପ୍ରସାର ବି ସେମାନେ କରନ୍ତି, ଜନମାନସକୁ ସଚେତନ କରାନ୍ତି, ସତ୍ୟକୁ ସତ୍ୟ, ମିଥ୍ୟାକୁ ମିଥ୍ୟା ବୋଲି ପ୍ରକାଶକରି ଆମକୁ ସଚେତନ କରାନ୍ତି । ତଥାପି ଏହା ବର୍ତ୍ତମାନର କଳୁଷିତ ସମାଜ ପାଇଁ ଯଥେଷ୍ଟ ବୋଲି ମନେହୁଏ ନାହିଁ । ଓଡିଶା ଆଗରୁ ଅନେକ ନିର୍ବାଚନ ଦେଖିଛି ସତ,କିନ୍ତୁ ଆଗକୁ ଥିବା ୨୦୧୯ ନିର୍ବାଚନ ଯେମିତି ଆଜହୁଁ ରଣହୁଙ୍କାର ଦେଇ ମାଡି ଆସୁଛି,ତାହା ବହୁ ସଚେତନ ନାଗରିକଙ୍କର ସୃଷ୍ଟି କରୁଛି ହୃତକମ୍ପନ,ଭରିଦେଉଛି ଅନେକ ଆଶଙ୍କା ।

ଏମିତି ଘଟଣାସବୁ ବିଭିନ୍ନ ଭଙ୍ଗୀ ଓ ରଙ୍ଗରେ ଘଟୁଛି ଏବଂ ଘଟିବା ପୂର୍ବରୁ ଦାନା ବାନ୍ଧୁଛି ଯେ, ଯାହାକୁ ଅବଲୋକନ କରି ପ୍ରବୁଦ୍ଧ ସଚେତନ ନାଗରିକମାନେ କିଂ କର୍ତ୍ତବ୍ୟବିମୂଢ଼ତା ଜାଲରେ ଛନ୍ଦିପଡ଼ି କେବଳ ମୂକ ସାକ୍ଷୀ ପାଲଟିଯିବାକୁ ବାଧ ହେଉଛନ୍ତି । ଆଜିର ବାକ୍ ସ୍ୱାଧୀନତା ଢ଼ୋଲର କାନଫଟା ଶବ୍ଦ ସେମାନଙ୍କର ଅନ୍ତଃସ୍ଥଳ ଚିନ୍ତା ଓ ଚେତନାକୁ ଅର୍ଥବ କରିଦିଏ, କ'ଣ କହିବେ କାହାକୁ, କିଏ ବା ଶୁଣିବ ? ବିଭିନ୍ନ ରାଜନୈତିକ ଦଳ ଧର୍ମ- ନିରପେକ୍ଷତା,ରାଷ୍ଟ୍ରବାଦ, ଅତିରାଷ୍ଟ୍ରବାଦ ଓ ରାଷ୍ଟ୍ରଦ୍ରୋହ ସହିତ ବିକାଶର ସ୍ଲୋଗାନ ଭଳି ଶବ୍ଦ ଗୁଡ଼ିକ ଉଚ୍ଚାରଣ କରି ସହିଷ୍ଣୁ ଓଡିଶା ଭୂମିରେ ସହସ୍ର ବର୍ଷର ଧର୍ମ, ସଂସ୍କୃତି ଓ ବିଚାରଧାରାକୁ ଅଯଥାରେ ଏକ ଭୟଙ୍କର ଚକ୍ରବ୍ୟୁହର ହୁତାଶନ ଭିତରକୁ ଠେଲିଦେଇ ସ୍ୱଳ୍ପକାଳୀନ ରାଜନୈତିକ ସ୍ୱାର୍ଥ ସାଧନରେ ଯେପରି ଲାଗିପଡ଼ିଛନ୍ତି, ତାହା ନିଶ୍ଚିତ ଭାବେ ଆମର ଗଣଚେତନା ପାଇଁ ଶୁଭଙ୍କରୀ ନୁହେଁ । ବିଶେଷକରି ଗଣମାଧ୍ୟମ ଏବଂ ବିଭିନ୍ନ ରାଜନୈତିକ ଦଳର ନେତାମାନଙ୍କର ପରସ୍ପର ବିରୋଧୀ ବକ୍ତବ୍ୟ ଏବଂ ତତ୍‌ସହିତ ଆମ ସମାଜର କେତେକ ବିଶିଷ୍ଟ ବୁଦ୍ଧିଜୀବୀମାନଙ୍କର ମତକୁ ଯୋଡ଼ି ଏପରି ଉପସ୍ଥାପନ କରୁଛି, ତାହା ଜ୍ୱଳନ୍ତ ଅଗ୍ନିରେ ଘିଅ ଢ଼ାଳିବା ଭଳି ବୋଧ ହେଉଛି । ଅବଶ୍ୟ ବାକ୍ ସ୍ୱାଧୀନତା ସହିତ ଅନ୍ୟାନ୍ୟ ମୌଳିକ ଅଧିକାର ଭାରତୀୟ ସମ୍ବିଧାନ ନାଗରିକମାନଙ୍କୁ ପ୍ରଦାନ କରିଛି ଏଥିରେ ସନ୍ଦେହ ନାହିଁ । ତତ ସହିତ ବିଭିନ୍ନ ରାଜନୈତିକ ଦଳ ଯେତେ ସୁଦୃଢ଼ ହେବେ, ସେତେ ଆମର ଗଣତନ୍ତ୍ର ମଧ୍ୟ ସମାନ ଭାବରେ ଉନ୍ନତ ହେବ । କିନ୍ତୁ ଅଯଥାରେ ଦଳ ଓ ବ୍ୟକ୍ତିମାନଙ୍କ ସପକ୍ଷ ଓ ବିପକ୍ଷରେ ପରସ୍ପର ଭିତିହୀନ ବିଷୟବସ୍ତୁକୁ ନେଇ ବିଷୋଦଗାର କଲେ ଦଳ ଓ ବ୍ୟକ୍ତିମାନଙ୍କର ଯେତେ କ୍ଷତି ନହୁଏ ବେଶି କ୍ଷତି ହେଇଥାଏ ଗଣତନ୍ତ୍ରକୁ । ଏଠାରେ ଉଲ୍ଲେଖନୀୟ ଯେ ସମ୍ବିଧାନ ଗୃହୀତ ହେବା ସମୟରେ କନଷ୍ଟିଚ୍ୟୁଟ ଆସେମ୍ବିଲିର ଅଧ୍ୟକ୍ଷ ତଥା ଭାରତର ପ୍ରଥମ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦ ଯେଉଁ ବାକ୍ୟଟି ନିଜର ଅଭିଭାଷଣରେ କହିଥିଲେ,ତାହାର ଯଥାର୍ଥତା ଆମକୁ ଆଜି ବୁଝିବାକୁ ହେବ - "ଆମେ ଯେଉଁ ସମ୍ବିଧାନ ଆଜି ଆପଣମାନଙ୍କୁ ଉତ୍ସର୍ଗ କଲୁ, ତାହା ଆପଣମାନଙ୍କୁ କଣ ଦେବ ବା କଣ ନ ଦେବ ବଡ କଥା ନୁହେଁ, ଆପଣମାନେ କିପରି ଭାବରେ ରାଷ୍ଟ୍ରକୁ ଶାସନ କରିବେ,ତା ଉପରେ ରାଷ୍ଟ୍ରର କଲ୍ୟାଣ ନିର୍ଭର କରେ । ସୁତରାଂ ନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳ ଯଦି ଦେଶର ସାମାଜିକ ଓ ଅର୍ଥନୈତିକ ଅବସ୍ଥାର ସଠିକ ମୂଲ୍ୟାୟନ କରି ନିଜ ନିଜର ମେନିଫେଷ୍ଟୋ ଜାରି କରିବେ କିମ୍ବା କ୍ଷମତାସୀନ ଦଳର ବିଫଳତା ଓ ଦୁର୍ନୀତିର ବାସ୍ତବ ଚିତ୍ର ଭୋଟରଙ୍କ ସମ୍ମୁଖରେ ରଖିବେ, ତେବେ ଲୋକେ ଦକ୍ଷ, ସମର୍ଥ ଏବଂ ସାଧୁ,ସଚ୍ଚୋଟ ଓ ଚରିତ୍ରବାନ ବ୍ୟକ୍ତି ଙ୍କୁ ନିର୍ବାଚିତ କରିପାରିବାକୁ ସକ୍ଷମ ହେବେ । ଯଦି ସେମାନେ ଏହା ନକରି ମିଥ୍ୟା, ଚରିତ୍ରସଂହାର, ଭଳି ଯାବତୀୟ କ୍ଷତିକାରକ ଶବ୍ଦରେ ନିର୍ବାଚନର ବାତାବରଣକୁ ବିଷାକ୍ତ କରନ୍ତି ତେବେ ଭୋଟରମାନେ ସହଜରେ ଭଲ ଓ ମନ୍ଦର ପାର୍ଥକ୍ୟକୁ ଜାଣିବାରେ ନିଶ୍ଚିତ ଅସୁବିଧା ଉପୁଜିବ । କେବଳ ସେତିକି ନୁହେଁ ନିର୍ବାଚନ ହିଂସାମୁଖର ହେବାର ଯଥେଷ୍ଟ ସମ୍ଭାବନା ବି ରହିବ । ତେଣୁ ପ୍ରତ୍ୟେକ ଦଳ ଆଜହୁଁ ସେଥିପ୍ରତି ସାବଧାନ ରହି ମିଥ୍ୟା ବିବୃତିରୁ ନିବୃତ ରହିବା ଶ୍ରେୟସ୍କର ହେବ । ■

ସତ୍ୟରକ୍ଷା ନୁହେଁ; ଜୀବନ ରକ୍ଷା !

ସତ୍ୟବାଦୀ ମଣିଷଟିଏ ଜୀବନରେ ଛୋଟ ଭୁଲ୍‌ଟିଏ କରିଦେଲେ, ତାହା ଲୋକଲୋଚନକୁ ଆସିଯାଏ । ସାରା ଜୀବନ ପାଇଁ ସ୍ମୃତିର ଚିହ୍ନ ହୋଇ ରହିଯାଏ । ତାଙ୍କ ସତ୍ୟବାଦିତାକୁ ଲୋକ ଯେତିକି ଜାଣି ଥାଆନ୍ତି, ତା'ଠାରୁ ବେଶି ଜାଣି ଯାଆନ୍ତି ତାଙ୍କର ସେହି ଛୋଟ ଭୁଲ୍‌ଟିକୁ । କିନ୍ତୁ ସତ୍ୟବାଦୀ ମଣିଷଟିଏ ଜାଣି ଜାଣି ଭୁଲ୍ କରିବା ଆଗରୁ ଅନେକ ବିଚାର କରି ଥାଆନ୍ତି ଯାହା ଫଳରେ ଭୁଲ୍‌ଟିଏ ତାଙ୍କ ପାଇଁ ପୁଣ୍ୟର ପସରା ପାଲଟି ଯାଏ । ସେହି ଭୁଲ୍ ତାଙ୍କୁ ନିନ୍ଦା ଦିଏନା, ବରଂ ପ୍ରଶଂସା ଦିଏ । ଇତିହାସର ଏମିତି ଏକ ଘଟଣା ।

ମରାଠାରେ ପୁରୁଷୋତ୍ତମ ପଣ୍ଡିତଙ୍କ ନାଁ ଡାକ । ତାଙ୍କ ବ୍ୟକ୍ତିତ୍ୱ ପାଇଁ ସମସ୍ତେ ତାଙ୍କୁ ଜାଣନ୍ତି । ସେ ଯେତିକି ନିଷ୍ପାପର, ସେତିକି ସତ୍ୟବାଦୀ ମଧ୍ୟ । ପୂଜାପାଠଠାରୁ ଆରମ୍ଭ କରି ଶାସ୍ତ୍ର ଓ କର୍ମକାଣ୍ଡରେ ପୁରୁଷୋତ୍ତମଙ୍କର ଅଗାଧ ପ୍ରବେଶ ଥିଲା । ସେ ଏତେ ନୈଷ୍ଟିକ ଥିଲେ ଯେ ଅନ୍ୟ କାହା ହାତରୁ ଭୋଜନ ତ କରୁ ନଥିଲେ, ପରନ୍ତୁ ପାଣି ମଧ୍ୟ ପିଉ ନଥିଲେ । ଏମିତିକି କାହାକୁ ବି ଛୁଉଁ ନଥିଲେ । ପୁରୁଷୋତ୍ତମଙ୍କ ସତ୍ୟନିଷ୍ଠତା ପାଖରେ ସେ ସମୟରେ ସମସ୍ତେ ହାର ମାନିଥିଲେ । ଜୀବନରେ କେବେ ବି ସେ ମିଛ କହିବାର କେହି ଜାଣି ନଥିଲେ । ମରାଠାରେ ତାଙ୍କୁ ସମସ୍ତେ ସତ୍ୟବାଦୀ ବୋଲି ଜାଣିଥିଲେ । ତେଣୁ ପୁରୁଷୋତ୍ତମଙ୍କୁ ସମସ୍ତେ ଦେବତା ଭଳି ଭକ୍ତି କରୁଥିଲେ । ଅପର ପକ୍ଷରେ ମରାଠାର ଶାସକ ଥିଲେ ଛତ୍ରପତି ଶିବାଜୀ । ସେତେବେଳେ ମୋଗଲମାନଙ୍କ ସହିତ ଶିବାଜୀଙ୍କର ଘୋର ଶତ୍ରୁତା ଲାଗି ରହିଥାଏ । ମୋଗଲମାନେ ଶିବାଜୀଙ୍କୁ ସେମାନଙ୍କ ପଥରେ କଣ୍ଟା ଭଳି ଦେଖୁଥିଲେ । ତେଣୁ ମୋଗଲମାନେ ସେମାନଙ୍କ ରାସ୍ତାରୁ ଶିବାଜୀଙ୍କୁ ହଟେଇ ଦେବାକୁ ଚାହୁଁଥିଲେ । ଏମିତି ସ୍ଥିତି ଆସିଲା ଯେ ଶିବାଜୀଙ୍କୁ ରାଜ୍ୟ ଛାଡ଼ି ଚାଲି ଯିବାକୁ ପଡ଼ିଲା । ନିଜେ ସିନା ଆତ୍ମଗୋପନ କରି କେଉଁଠି ନା କେଉଁଠି ରହିଯିବେ, ହେଲେ ପୁଅ ଶମ୍ଭୁଜୀଙ୍କୁ କ'ଣ କରିବେ ? କୋଉଠି ରଖିବେ ? ସେ ତ ଛୋଟ ପିଲା... । ଏମିତି ଭାବି ସତ୍ୟବାଦୀ ମଣିଷ ପୁରୁଷୋତ୍ତମଙ୍କ ପାଖରେ ଶମ୍ଭୁଜୀଙ୍କୁ ଛାଡ଼ିଦେଲେ । ଆଉ ନିଜ ପ୍ରତି ଓ ପୁଅ ଶମ୍ଭୁଜୀଙ୍କ ପ୍ରତି ଥିବା ବିପଦ ବିଷୟରେ ମଧ୍ୟ ଜଣାଇ ଦେଇ ଆତ୍ମଗୋପନ କଲେ ।

ଉତ୍ତିଷ୍ଠତ

ପଦାରବିନ୍ଦ

ସତ୍ୟ ଲୁଚି ରହିଲାନି । ମୋଗଲ ସୈନିକମାନେ ଶମ୍ଭୁଜୀଙ୍କ ବିଷୟରେ ସୂଚନା ପାଇ ପୁରୁଷୋତ୍ତମଙ୍କ ପାଖରେ ପହଞ୍ଚିଲେ । ପୁରୁଷୋତ୍ତମଙ୍କୁ ଶମ୍ଭୁଜୀଙ୍କ ପରିଚୟ ପଚାରିଲେ । କାରଣ, ସୈନ୍ୟମାନେ ମଧ୍ୟ ଜାଣିଥିଲେ ଯେ ପୁରୁଷୋତ୍ତମ ଯାହା କହିବେ, କେବଳ ସତ୍ୟ ହିଁ କହିବେ । ସତ୍ୟବାଦୀ ପୁରୁଷୋତ୍ତମ ମଧ୍ୟ ଦ୍ୱନ୍ଦ୍ୱରେ ପଡ଼ିଲେ । ବର୍ତ୍ତମାନ ସତ୍ୟ ପ୍ରଘଟ ହେଲେ ଶମ୍ଭୁଜୀଙ୍କ ଜୀବନ ଯିବ । ମିଥ୍ୟା କହିଲେ ନିଜର ଧର୍ମ ନଷ୍ଟ ହେବ । ତଥାପି ବହୁ ବିଚାର କରି ପୁରୁଷୋତ୍ତମ ଶମ୍ଭୁଜୀଙ୍କୁ ଭଣଜାର ପରିଚୟ ଦେଲେ । ମୋଗଲ ସୈନିକ ମଧ୍ୟ ପୁରୁଷୋତ୍ତମଙ୍କୁ ପରୀକ୍ଷା କରିବାକୁ କହିଲେ- 'ଏ ଯଦି ଆପଣଙ୍କ ଭଣଜା, ତେବେ ଆପଣ ଉଭୟ ଗୋଟିଏ ବାସନରେ ଏକାଠି ଭୋଜନ କରନ୍ତୁ । ପୁରୁଷୋତ୍ତମ ମଧ୍ୟ ଶମ୍ଭୁଜୀଙ୍କୁ ନିଜ ସହିତ ଭୋଜନ କରାଇଲେ । ମୋଗଲ ସୈନିକ ଫେରିଗଲେ । ପରେ ପଣ୍ଡିତଙ୍କ ପତ୍ନୀ ଅହଲ୍ୟା ମଧ୍ୟ ପରୀକ୍ଷା ନେବାକୁ ଯାଇ କହିଲେ- 'ମଣିଷ ଆଜି ନହେଲେ କାଲିକୁ ମୃତ୍ୟୁମୁଖରେ ପଡ଼ିବ । ଶମ୍ଭୁଜୀର ଜୀବନ ରକ୍ଷା କରିବାକୁ ଯାଇ ତୁମେ ତାକୁ ଭଣଜା କହିଛ । ସେ କ'ଣ ସତରେ ତୁମ ଭଣଜା ?' ପଣ୍ଡିତ ପୁରୁଷୋତ୍ତମ କହିଲେ- 'ମୁଁ ମିଛ କହି ନିଜର କ୍ଷତି କରିପାରେ, ମାତ୍ର ଜଣଙ୍କର ଜୀବନ ରକ୍ଷା କରି ପାରିଛି । ତତ୍ ସହିତ ଦେଶ ପାଇଁ ଲଢୁଥିବା ଛତ୍ରପତି ଶିବାଜୀଙ୍କ ଭରସା ଓ ବିଶ୍ୱାସକୁ ମଧ୍ୟ ସୁରକ୍ଷା ଓ ସମ୍ମାନ ଦେଇଛି । ଏ ଭଳି ମହତ କାମ ପାଖରେ ମିଥ୍ୟା ଓ ପବିତ୍ରତାକୁ ମୁଁ ଗୁରୁତ୍ୱ ଦେଇନି । ଅନ୍ୟକୁ ଛୁଉଁନାହିଁ, କିନ୍ତୁ ଶମ୍ଭୁଜୀ ସହିତ ଭୋଜନ କଲି । ଏହି ଗୋଟିଏ ମିଛ ଓ ଅପବିତ୍ରତା ହିଁ ମୋ ପାଇଁ କୋଟି ପୁଣ୍ୟର ଫଳ ପ୍ରଦାନ କରିବ ।' ■

ଅଯଥା ଅହଂ

ଜୀବନରେ ଧନ, ଜନ, ମାନ ସମ୍ମାନ ଯାହାକିଛି ବଢ଼ିଗଲେ ଯେତିକି ଅସୁବିଧା ହୁଏ ନାହିଁ ଅହଂକାର ବଢ଼ିଗଲେ ସବୁଠାରୁ ବେଶି ଅସୁବିଧା ହୋଇଯାଏ । କାରଣ କେଇବୁନ୍ଦା ଅହଂକାରର ଉତ୍କଟ ବିଷ ଜୀବନର ପୂର୍ଣ୍ଣ କୁମ୍ଭକୁ ବିଷମୟ କରିଦିଏ; ଯେମିତି ବୁନ୍ଦାଏ ବିଷ ମାଠିଆଏ ଅମୃତକୁ ବିଷାକ୍ତ କରିଦେଇଥାଏ । ତେଣୁ ଏହି ବିଷର ମାତ୍ରାକୁ ଜୀବନରେ କମେଇ କମେଇ ଯେତେ ଶୀଘ୍ର ଶୂନକୁ ନେଇଆସିବେ ସେତେ ମଙ୍ଗଳ । ଆଉ ଆମେ ସମସ୍ତେ ବଂଚିବା ପାଇଁ ଧନ ରୋଜଗାର କରିବା ସହିତ ଉତ୍ତମ ବ୍ୟବହାର ମଧ୍ୟ ରୋଜଗାର କରିବା ଆବଶ୍ୟକ । କାରଣ ମଶାଣିକୁ ଯିବାବେଳେ କୋଟିକୋଟି ଟଙ୍କା ନୁହେଁ ବରଂ ଚାରିଗୋଟି କାନ୍ଧ ଆବଶ୍ୟକ । ଶେଷ ଶଯ୍ୟାରେ ଶୋଇବାକୁ ଖଟମାଠ ଶେଯ ନୁହେଁ ବରଂ ଛଅଖଣ୍ଡ ବାଉଁଶ ତିଆରି ଖଟିଆ ସହିତ ଖଣ୍ଡିଏ ଛିଣ୍ଡା ମସିଣା ଦରକାର ହୋଇଥାଏ । ଆଉ ଘରେ ଯେତେ ସୁନାମୋହର ରହିଥିଲେ ସୁଦ୍ଧା ଆମ ଆଗରେ କେବଳ ଖଇକଉଡ଼ି ବିଂଚା ହୋଇଥାଏ । ଆଉ ପଛରେ ଗୋବର ପାଣି ସିଞ୍ଚା ହୋଇଥାଏ । କାରଣ ଯେଉଁ ବାଟ ଦେଇ ଶବ ଯାଏ ସେ ସ୍ଥାନ ଅପବିତ୍ର ହୋଇଯାଏ । ଥରେ ଭାବିବା ଉଚିତ୍, ଏତେ ସୁନ୍ଦର ଶରୀର ଆମ ନିଜର ନହୋଇ ସେ ଯଦି ଜଳନ୍ତା ନିଆଁର ଆହାର ହୁଏ, ତେବେ ତାକୁ ନେଇ ଆମେ ଅଯଥାରେ ଏତେ ଗର୍ବ ଅହଂକାର କରୁ କାହିଁକି ?

ରବିନ୍ ଖଣ୍ଡାୟତରାୟ

ଜଙ୍ଗଲର ରାଜା ହେଉଛି ସିଂହ, ହେଲେ ତା'ନାଆଁରେ ତ ପଟ୍ଟାପାଉତି କିଛି ନାହିଁ ତଥାପି ସେ ସୁଖ ସ୍ୱଚ୍ଛନ୍ଦରେ ଜଙ୍ଗଲ ସାରା ବୁଲୁଛି । ସେମିତି ସାରା ପୃଥିବୀ ତ ମଣିଷର ତଥାପି ନିଜନାମରେ କବଲା କାଗଜ ଖଣ୍ଡେ କରିଦେଇ ଆଉ ତାକୁ ନେଇ ଗର୍ବ କରୁଥିବା ମଣିଷ ତା' ନିଜଯାଗାରେ ଭଲରେ ରହିପାରୁନାହିଁ । କାରଣ ଗୁଡ଼ିଏ ଅଯଥା ଅହଂକାରର ଭାରବୋହି ବୋହି ସେ ଜୀବନକୁ ଭାରାକ୍ରାନ୍ତ କରିଦେଉଛି ଆଉ ବିନା କାରଣରେ ସରଳ ଜୀବନକୁ ଜଟିଳ କରିଦେଉଛି । ଯୋଉ ନାଆଁକୁ ନେଇ ତା'ମନରେ ଅସୁମାରୀ ଗର୍ବ ମଲାପରେ ଆଗ ସେ ନାଆଁରେ ଗଙ୍ଗା ଚିହ୍ନ ଲାଗେ । ଯୋଉ ଦେହ ପାଇଁ ତା'ର ଏତେ ଅହଂକାର ମଲାପରେ ସେ ଦେହକୁ ନିଆଁ କଂଚା ଖାଇଯାଏ । ଆଉ ଗର୍ବର ଉପାଦାନ ଧନ, ଜନ ତ ତା'ଠାରୁ ବହୁ ଦୂରରେ ରହିଯାଆନ୍ତି । ସୃଷ୍ଟିର ନିୟମ, ଦୀନ ଦରିଦ୍ରର ଶରୀର ପାଇଁ ଯୋଉ ତିନିହାତ ଚାଖଣ୍ଡେ ଭୁଇଁ ଆବଶ୍ୟକ କୁବେର ସେଠ୍ ପାଇଁ ମଧ୍ୟ ସମାନ ସ୍ଥାନ ଆବଶ୍ୟକ ହୋଇଥାଏ । ତଥାପି ଧନ, ଜନ, ମାନ ଆଉ ଶରୀରକୁ ନେଇ ଆମେ ଅଯଥା ଅହଂକାର କରିଥାଉ । ମନେରଖିବାକୁ ହେବ ଯେପର୍ଯ୍ୟନ୍ତ ଏ ସବୁ ଆମ ମନରେ ଥିବ ସେ ପର୍ଯ୍ୟନ୍ତ କଦାପି ଆମ ଜୀବନକୁ ସୁଖ, ଶାନ୍ତିର ଆଗମନ ହୋଇପାରିବ ନାହିଁ ।

ଅଯଥା ଅହଂ କିପରି ମଣିଷକୁ ଅତି ସହଜରେ କରାୟତ କରିଥାଏ ତାହାର କେତୋଟି ଦୃଷ୍ଟାନ୍ତ ପ୍ରଦାନ କରାଯାଉଅଛି । ଯେତେବେଳେ ପାଖରେ ଅଳ୍ପ ପଇସା ଥାଏ ଆମେ ପରିବା କିଣି ଘରେ ତରକାରୀ ରୋଷେଇ କରି ଖାଉ । ଆଉ ଯେବେ ପଇସା ଅଧିକ ହୋଇଯାଏ, ବଡ଼ିମା ଦେଖାଇବାକୁ ଯାଇ ସେହି ତରକାରି ବଡ଼ ହୋଟଲ୍‌ରେ ବସି ଖାଇଥାଉ । ପାଖରେ ଯେବେ ଧନ ନଥାଏ ସାଇକେଲ୍ ଚଲାଇ ଯିବାଆସିବା କରୁ ଆଉ ଯେବେ ଟଙ୍କା ଅଧିକ ହୋଇଯାଏ ରାସ୍ତାରେ ସାଇକେଲ୍ ଚଲାଇବାକୁ ଲାଜ ଲାଗେ ଅଥଚ ଜିମ୍‌ରେ ଟଙ୍କା ଦେଇ ବ୍ୟାୟାମ ପାଇଁ ସାଇକେଲ୍ ଚଲାଇ ଥାଉ । ଯେତେବେଳେ ପକେଟ୍‌ରେ ପଇସା ନଥାଏ ପେଟପୋଷିବା ପାଇଁ ରୋଜଗାର କରୁ ଆଉ ପଇସା ହୋଇଗଲେ ଖାଦ୍ୟ ହଜମ କରାଇବା ପାଇଁ ସେହି ପଇସା ଖର୍ଚ୍ଚ କରୁ । ଧନ ନଥିବା ବେଳେ ଧନୀକ ହେବାକୁ ଲାଗିପଡୁ ଆଉ ଧନ ହୋଇଗଲେ ଗରିବ ପରି ବ୍ୟବହାର କରୁ । ବଡ଼ ବିଚିତ୍ର ଏ ମଣିଷ ଯାହାକୁ ବୁଝିବା ବଡ଼ ଜଟିଳ ।

ଅନେକ ପ୍ରକାରର ଅଯଥା ଅହଂ ଭିତରେ ନିଜକୁ ମାଲିକ ସଜେଇବାର ଅହଂ ଗୋଟିଏ ଯାହା ଆମ ଦୁନିଆର ଅନେକ ଲୋକଙ୍କୁ ନିଜ କାବୁରେ ରଖିପାରିଛି । ଜମି ମାଲିକ, ଘର ମାଲିକ, କଳକାରଖାନା ମାଲିକ, ଗାଡ଼ି ମାଲିକ ପରି ଅନେକ ପ୍ରକାରର ମାଲିକ ମାଆ ବେଙ୍ଗ ପରି ପେଟଫୁଲେଇ ବୁଲୁଛନ୍ତି । ଆଉ ଶେଷକୁ ପରିସ୍ଥିତି ଏପରି ହେଉଛି ଯେ, ଦେଖେଇ ଦେଖେଇ କାହା ପେଟ ଫାଟିଯାଉଛି ତ ଆଉ କେହି ଭସ୍ମାସୁର ପରି ନିଜେ ନିଜ ଧ୍ୱଂସର କାରଣ ହୋଇଯାଉଛନ୍ତି । ମାଲିକ ଖାଦିରେ କଡ଼ା ଶବ୍ଦର ବ୍ୟବହାର କରି କେହି ଆଗ ନିଜର କ୍ଷତି କରୁଛନ୍ତି ତ ଆଉ କିଏ ଅନ୍ୟର ରୋଶର ଶିକାର ହେଉଛନ୍ତି । ଯେଉଁ ଅପଶବ୍ଦ ପାଇଁ କେତେ ସଂସାର ଉଜୁଡ଼ିଯାଉଛି, କେତେ ସମ୍ପର୍କ ବିଗିଡ଼ିଯାଉଛି ତା'ର ହିସାବ ନାହିଁ । କାରଣ ଶବ୍ଦଗୁଡ଼ିକ ହୃଦୟର ଚାବିକାଠି ଭଳି, ଆଉ ଠିକ୍ ଶବ୍ଦ ରୁଦ୍ଧ ହୃଦୟକୁ ଖୋଲିଦେଇ ପାରେ । ତେଣୁ କୁହାଯାଇଛି, ବାଜେ କଥା ବର୍ଜନ କର । ବାଜେ ଚିନ୍ତା ପରିହାର କର । ମନେମନେ ଯେ ବାଜେ ଚିନ୍ତା କରନ୍ତି, ଅନିଚ୍ଛା ସତ୍ତ୍ୱେ ତାଙ୍କ ମୁଖରୁ ବାଜେ କଥା ଆପେ ବାହାରି ଆସେ । ବାଜେ କଥାରେ ଯେ ନିଜ ଜିହ୍ୱାକୁ ନିୟୋଜିତ କରନ୍ତି, ଅଜ୍ଞାତସାରରେ ତାଙ୍କ ମନ ଆପେ ବାଜେ ଚିନ୍ତାରେ ପୂର୍ଣ୍ଣ ହୋଇଥାଏ । କାରଣ କଥା ସହିତ ଚିନ୍ତାର ଘନିଷ୍ଠ ସମ୍ବନ୍ଧ ଥାଏ । ଗୋଟିକୁ ସଂଯତ କଲେ ଯାଇ ଅନ୍ୟଟି ନିଜେ ନିଜେ ସଂଯତ ହୋଇଥାଏ ।

ଅହଂକାର ପାଇଁ ମୁଁ ଯଦି ଧରାକୁ ସରା ମଣିଲି ! ତେବେ ଆଗ କ୍ଷତି ହେବ ମୋର । କାରଣ ଧରା କେବେ ବି ସରା ପରି ନୁହେଁ କି ସରା ଶତଚେଷ୍ଟାରେ ମଧ୍ୟ ଧରା ହୋଇନପାରେ । ପୁରାଣ ଇତିହାସରେ ଉଦାହରଣ ରହିଛି, ବେଳେବେଳେ ଜଣଜଣଙ୍କର ଅହଂକାର ପାଇଁ କେଉଁଠି ଦେଶ ତ କେଉଁଠି ବଂଶ ତ ଆଉ କେଉଁଠି ନିଜେ ବିନାଶ ହୋଇଯାଇଛନ୍ତି । ଯେପରି ରାବଣର ଅହଂକାର ପାଇଁ ସ୍ୱର୍ଣ୍ଣମୟୀ ଲଙ୍କା, ଦୁର୍ଯ୍ୟୋଧନର ଅହଂକାର ପାଇଁ କୁରୁବଂଶ ଆଉ ନିଜର ଅହଂକାର ପାଇଁ ନିଜେ କଂସ ବିନାଶ ହୋଇଛନ୍ତି । ମନକୁ ତେଣୁ ଅଯଥା ଅହଂକାରରୁ ମୁକ୍ତ ରଖିବାକୁ ହେବ । ସେଥିପାଇଁ ଥରେ ଶ୍ମଶାନ ଆଡ଼େ ବୁଲିକରି ଆସନ୍ତୁ । ଦେଖନ୍ତୁ ଯେଉଁଠିକୁ ଦାହ ହେବାପାଇଁ ଧନୀକ ସୌଦାଗର ଯାଆନ୍ତୁ କି ନିର୍ଦ୍ଧନ ଦରିଦ୍ରଟିଏ ଯାଆନ୍ତୁ, ସେଠାରେ ସମସ୍ତଙ୍କ ପାଇଁ ସମାନ ବ୍ୟବସ୍ଥା । ଲୋକ ଦେଖି କେବେ କମ୍ ବେଶି ହୁଏନାହିଁ । ଜୁଇ ନିଆଁର ଉତ୍ତାପ ସମସ୍ତଙ୍କ ପାଇଁ ସମାନ ଥିବ । ଆଉ ଧନ ସମ୍ପତ୍ତି ନେଇ କେହି ମଶାଣିକୁ ଆସୁ ନଥିବେ । ସମସ୍ତଙ୍କର ଖାଲି ହାତ ଆଉ ଫୁଙ୍ଗୁଳା ଦେହ ଥିବ । ଯଦି ପାରୁଛନ୍ତି ଥରେ ଡାକ୍ତରଖାନା ଆଡ଼େ ବୁଲି ଆସନ୍ତୁ ଦେଖିପାରିବେ, କାଲିର ସୁସ୍ଥ ସବଳ ପହିଲିମାନ୍‌ଙ୍କର ଆଜି କିପରି ଉଠିବାକୁ ଶକ୍ତି ନାହିଁ । କ୍ରୁର କାଳ କାହାରିକୁ ଛାଡ଼ି ନାହିଁ କି ଆମକୁ ମଧ୍ୟ ଛାଡ଼ିବାର ପ୍ରଶ୍ନ ଉଠୁନାହିଁ ତେଣୁ ଆଗରୁ ସତର୍କ ହେବା ବୁଦ୍ଧିମାନର କାମ ହେବ । ■

ପୁରୁଣାଗଡ଼, ଜଗତସିଂହପୁର
ମୋ.-୯୭୭୬୬୯୨୨୦୭

ସମ୍ପାଦକଙ୍କୁ ପତ୍ର

ପିଠା, କାଳିଆ ଅର୍ଥ ନିଶାରେ ଯିବନି ତ ?

ସଦ୍ୟ ରାଜ୍ୟ ସରକାରଙ୍କ ପ୍ରଣିତ ପିଠା ଓ କାଳିଆ ଜନକଲ୍ୟାଣମୂଳକ ଯୋଜନା ଗରିବ ଶ୍ରେଣୀ ଓ ଚାଷୀମାନଙ୍କ ଆର୍ଥିକ ମନଦଣ୍ଡ ପାଇଁ ଉଦ୍ଦିଷ୍ଟ । ଏହି ଯୋଜନାର ମହାନୀୟତା ସାରା ଦେଶରେ ଚର୍ଚ୍ଚିତକ ଓ ଲୋକାଭିମୁଖୀ । ଏଥିରେ କଳାକାର ଭତ୍ତ ଓଅନ୍ୟାନ୍ୟ ଆର୍ଥିକ ସହାୟତା ପ୍ରଦାନ କରାଯାଇ ଲୋକମାନଙ୍କ ଆର୍ଥିକ ଦୂରବସ୍ଥା ଦୂର ପାଇଁ ସରକାର ପ୍ରୟାସ କରିଛନ୍ତି । ଏହି ଯୋଜନା ଅଧୁନା ସୁଦୂରପ୍ରସାରୀ ହୋଇପାରିଛି । ତେବେ ପ୍ରଶ୍ନ ଉଠେ, ଏହି ସରକାରୀ ସହାୟତା ପାଇଁ ଲୋକେ ଖାଦ୍ୟ ବଦଳରେ ମଦ ବା ଅନ୍ୟ ନିଶାଖାଇ ଏହିଅର୍ଥ ବରବାଦ୍ କରି ଦେବେନି ତ ? ଓଡ଼ିଶା ସରକାର ରାଜ୍ୟରେ ମଦର ପ୍ରାବଲ୍ୟ ଓ ଆସ୍କା-୪୦ ପ୍ରଚଳନ ଜାରି ରଖିଛନ୍ତି । ମଦରୁ ସରକାର ଭଲ ରାଜସ୍ୱ ପାଉଛନ୍ତି । ଲୋକେ ପ୍ରଦତ୍ତ ଯୋଜନା ଅର୍ଥକୁ ଏହି ମଦରେ ବିନିଯୋଗ କରିବି ନାହିଁ ତ ?

ମନୋରଞ୍ଜନ ସ୍ୱାଇଁ, ତମାଣ୍ଡୋ, ଭବନେଶ୍ୱର

ଯୋଜନା ଅପେକ୍ଷା ପ୍ରଚାର ବେଶୀ

କେନ୍ଦ୍ର ସରକାରୀ ଯୋଜନା, ରାଜ୍ୟ ସରକାରଙ୍କ ଯୋଜନା ପ୍ରଣୟନ, ସେଥିରୁ ଉପକୃତ ହେବା ଯେତିକି ସମ୍ଭବ ହେଉଛି, ଏଥିପ୍ରତି ପ୍ରଚାର ଅଧିକ ବୋଲି ଦେଖିବାକୁ ମିଳୁଛି । ପ୍ରଚାର ପାଇଁ ଯେଉଁ କୋଟିକୋଟି ଅର୍ଥ ଖର୍ଚ୍ଚ ହେଉଛି ସେତିକି ଲୋକଙ୍କ ପାଖରେ ପହଞ୍ଚିଲେ ଲୋକଙ୍କ ଆର୍ଥିକ ଉନ୍ନତି ସମ୍ଭବ ହୋଇ ପାରିବ । ଏଥିପ୍ରତି ସରକାର ଦୃଷ୍ଟି ଦିଅନ୍ତୁ ।

ଦେବଦତ୍ତ ମଳୟ କୁମାର ବିରାଳ, ନରସିଂହପୁର, କଟକ

ରାଜନୀତିରେ ସ୍ୱଚ୍ଛତା ରହୁ

ଆଜିକାଲି ରାଜନୀତିରେ ସ୍ୱଚ୍ଛତା ରହୁନଥିବାର ଦେଖାଯାଉଛି । ସମୟ ଥିଲା ରାଜନୈତିକ ବ୍ୟକ୍ତିମାନଙ୍କର ନୀତି ଓ ଆଦର୍ଶକୁ ନେଇ ଗୌରବ ଅନୁଭବ କରୁଥିଲେ । ସେମାନଙ୍କ ପାଖରେ ସମ୍ମାନ ବୋଧ ଥିଲା । କିନ୍ତୁ ଏବେ ସବୁ ବଦଳିଗଲାଣି । ଆଉ ପୂର୍ବ ସମ୍ମାନବୋଧ ନାହିଁ ରାଜନେତାମାନଙ୍କୁ ଅନେକ ସମାଲୋଚନା କରିବାକୁ କେହି କୁଣ୍ଠବୋଧ କରୁନାହାନ୍ତି । ଆଜିକାଲି ଦଳ ବଦଳ ନୀତି ଦିନିଆ ହୋଇଗଲାଣି । କିଛି ବର୍ଷ ତଳେ ଦଳ ବଦଳ କରିବାକୁ କୌଣସି ବିଭିନ୍ନ ଦଳ ଉତ୍ସାହିତ କରି ଆସୁଛନ୍ତି । ନିର୍ଦ୍ଦିଷ୍ଟ ଦଳର ସର୍ବୋଚ୍ଚ ନେତା ମଧ୍ୟ ରାତାରାତି ଦଳ ବଦଳାଇ ଅନ୍ୟ ଦଳରେ ପଛବେଞ୍ଚରେ ବସିବାକୁ ଶ୍ରେୟସ୍କର ମଣିଛନ୍ତି । ସ୍ୱଚ୍ଛତା ଆସିବ କିପରି ।

ନିର୍ମଳ ସାମଲ, ବିରଜା ଭୂମି, ଯାଜପୁର

ଅନୁରୋଧ

ଏହି ସ୍ତମ୍ଭରେ ବିଭିନ୍ନ ସମସ୍ୟା ଓ ପ୍ରସଙ୍ଗକୁ ନେଇ ଆପଣଙ୍କ ସୁଚିନ୍ତିତ ମତ ଓ ମନ୍ତବ୍ୟ ନିମ୍ନରେ ଥିବା ଆମ ଠିକଣାରେ ପଠାଇବାକୁ ଅନୁରୋଧ । - **ସମ୍ପାଦକ**

ଲେଖା ପଠାଇବାର ଠିକଣା, ସମ୍ପାଦକ, **'ନିତିଦିନ',** Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com